# NATIONAL NEWS BULLETIN (ODIA)
## 15 June - 2024
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ବିଶ୍ୱର ଦକ୍ଷିଣାଞ୍ଚଳ ବିଶେଷ କରି ଆଫ୍ରିକାର ଚିନ୍ତାଧାରାକୁ **G-7** ଶିଖର ସମ୍ମିଳନୀରେ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୨୭ ତାରିଖରୁ ହେବ ଆରମ୍ଭ ।
- ସମଗ୍ର ବିଶ୍ୱରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ତୀର୍ଥ ଯାତ୍ରୀ ଆଜି ସାଉଦିଆରବରେ କରିବେ ହଜ୍ ଯାତ୍ରା ।
- ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ରାତି ୮ଟାରେ ଭାରତ ଓ କାନାଡ଼ା ମଧ୍ୟରେ ମୁକାବିଲା ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ଦକ୍ଷିଣାଞ୍ଚଳ ବିଶେଷ କରି ଆଫ୍ରିକାର ଚିନ୍ତାଧାରାକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି । ଇଟାଲୀରେ ଚାଲିଥିବା **G-7** ଶିଖର ସମ୍ମିଳନୀରେ ଗତକାଲି ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ଭାରତର ଅଧ୍ୟକ୍ଷତା ସମୟରେ **G-20** ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଆଫ୍ରିକୀୟ ସଂଘକୁ ଏକ ସ୍ଥାୟୀ ସଦସ୍ୟ ଭାବେ ଗ୍ରହଣ କରାଯିବା ସଂକ୍ରାନ୍ତ ନିଷ୍ପତ୍ତିର ପୁନରାବୃତ୍ତି କରିଥିଲେ । ସେ କହିଥିଲେ, ଏହା ଭାରତ ପାଇଁ ଏକ ସମ୍ମାନର ବିଷୟ । ଆସନ୍ତା ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟକୁ ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭାରତର ମିଶନ୍ ଲାଇଫ୍ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ ବିଶ୍ୱ ପରିବେଶ ଦିବସ ଅବସରରେ ଦେଶରେ ଆରମ୍ଭ କରାଯାଇଥିବା 'ଏକ୍ ପେଡ୍ ମା' କେ ନାମ୍' ଶୀର୍ଷକ ଚାରା ରୋପଣ କାର୍ଯ୍ୟକ୍ରମକୁ ନିଜ ନିଜ ଦେଶରେ କାର୍ଯ୍ୟକାରି କରିବାକୁ **G-7** ସଦସ୍ୟ ରାଷ୍ଟ୍ରମାନଙ୍କୁ ଅନୁରୋଧ କରିଥିଲେ । କୃତ୍ରିମ ବୁଦ୍ଧିମତା ଉପରେ ଆଲୋକପାତ କରିବାକୁ ଯାଇ ଶ୍ରୀ ମୋଦୀ କହିଛନ୍ତି, ପ୍ରଯୁକ୍ତି ବିଦ୍ୟାର ଉପଯୋଗ ମାଧ୍ୟମରେ ଉନ୍ନତିମୂଳକ

କାର୍ଯ୍ୟକ୍ରମ ଗୁଡ଼ିକ ଅଧିକ ତ୍ୱରାନ୍ୱିତ ହୋଇପାରିବ । ଏ କ୍ଷେତ୍ରରେ ବିଶ୍ୱ ସହଭାଗିତା ପାଇଁ ଭାରତ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ସମ୍ମିଳନୀରେ ଉଦ୍‌ଘାଟନୀ ଉଦ୍‌ବୋଧନ ଦେଇ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଥିଲେ, ଇଟାଲୀର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା **G-7** ଶିଖର ସମ୍ମିଳନୀରେ ପାଶ୍ଚାତ୍ୟ ଦେଶ ଗୁଡ଼ିକ ଅନ୍ୟମାନଙ୍କ ବିରୁଦ୍ଧରେ ନେଉଥିବା ପଦକ୍ଷେପକୁ ବିରୋଧ କରି ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିବ । ସେ କହିଥିଲେ, ବୈଶ୍ୱିକ ଆହ୍ୱାନର ମୁକାବିଲା କରିବା ପାଇଁ ସବୁ ରାଷ୍ଟ୍ର ପରସ୍ପରକୁ ସମ୍ମାନର ସହ ସହଯୋଗ କରିବାର ଆବଶ୍ୟକତା ରହିଛି ।

## ମହା-ମନ୍ସୁନ୍ ସେସନ୍

ମହାରାଷ୍ଟ୍ର ବିଧାନସଭା ମୌସୁମୀ ଅଧିବେଶ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ । ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୮ ତାରିଖ ଦିନ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ । ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଧାନସଭାରେ ଗତ ଫେବୃୟାରୀ ମାସରେ ଅନ୍ତରିଣ ବଜେଟ୍ ଆଗତ କରାଯାଇଥିଲା ।

# ହଜ୍

ସମଗ୍ର ବିଶ୍ୱରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ତୀର୍ଥ ଯାତ୍ରୀ ଆଜି ସାଉଦି ଆରବରେ ହଜ୍ ଯାତ୍ରା କରିବେ । ୫ ଦିନିଆ ଏହି ହଜ୍ ଯାତ୍ରା ପାଇଁ ସାଉଦି ଆରବର ମୀନା ଠାରେ ତୀର୍ଥଯାତ୍ରାମାନେ ଏକତ୍ରିତ ହୋଇଛନ୍ତି । ଆଜି ପ୍ରତ୍ୟୁଷରୁ ପ୍ରାର୍ଥନା କରିବା ପରେ ତୀର୍ଥଯାତ୍ରୀ ଆରାଫତ୍‌ର ସମତଳ ଅଞ୍ଚଳକୁ ରିତିନୀତି ଅନୁଯାୟୀ ପ୍ରାର୍ଥନା କରିବାକୁ ଗସ୍ତ କରିବେ । ତୀର୍ଥଯାତ୍ରୀମାନେ ନିର୍ମା ମସଜିଦ୍‌ରେ ହୁତବା ଏ ହଜ୍ ଅର୍ଥାତ୍ ହଜ୍ ଉପଦେଶ ଶୁଣିବେ ଏବଂ ସନ୍ଧ୍ୟାରେ ମୁଜ୍‌ଦାଲିଫା ଗସ୍ତ କରିବା ପୂର୍ବରୁ ଅପରାହ୍ଣରେ ମଧ୍ୟାହ୍ନ ପ୍ରାର୍ଥନାରେ ଏକତ୍ରିତ ହେବେ । ପଶୁବଳୀ ଏବଂ ସୈତାନକୁ ପ୍ରତିକାତ୍ମକ ପଥର ମାରିବା ପାଇଁ ତୀର୍ଥଯାତ୍ରୀମାନେ ଆସନ୍ତାକାଲି ସକାଳେ ପୁନର୍ବାର ମୀନାକୁ ଫେରିବେ । ଚଳିତ ବର୍ଷ ଭାରତରୁ ରେକର୍ଡ ସଂଖ୍ୟକ ୧ଲକ୍ଷ ୭୫ ହଜାରରୁ ଅଧିକ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧ଲକ୍ଷ ୪୦ ହଜାର ୨୦ ଜଣ ଯାତ୍ରୀ ଭାରତୀୟ ହଜ୍ କମିଟି ଜରିଆରେ ସେଠାରେ ପହଞ୍ଚିଛନ୍ତି । ଭାରତୀୟ ହଜ୍ ଯାତ୍ରୀଙ୍କ ସୁବିଧା ସୁଯୋଗ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଠାରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।

# ଫିଲ୍ମ ଫେଷ୍ଟିଭାଲ୍

ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଏମ୍.ଆଇ.ଏଫ୍.ଏଫ୍.ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । କ୍ଷୁଦ୍ର, ପ୍ରାମାଣିକ ତଥା ଆନିମେସନ୍ ଚଳଚ୍ଚିତ୍ର ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ଏହି ମହୋତ୍ସବର ମାନ୍ୟତା ରହିଛି ।

ଏହାର ଅବ୍ୟବହିତ ପୂର୍ବରୁ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁ କହିଛନ୍ତି, ସିନେମାକୁ ପ୍ରୋତ୍ସାହିତ କରିବା ସହ ସାମ୍ପ୍ରତିକ ଏବଂ ସାମାଜିକ ଆର୍ଥିକ ପ୍ରସଙ୍ଗ ଉପରେ ବିଚାର ଆଲୋଚନା କରିବାକୁ ଏଭଳି ମଞ୍ଚ ଯଥେଷ୍ଟ ସହାୟତା ପ୍ରଦାନ କରିଥାଏ । ମହୋତ୍ସବରେ ଅଂଶଗ୍ରହଣକାରୀଙ୍କୁ ବହୁ ପ୍ରତିକ୍ଷିତ ତଥା ସମୃଦ୍ଧ ଅନୁଭୂତିର ଝଲକ ପ୍ରଦାନ କରିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ପ୍ରାମାଣିକ ଚଳଚ୍ଚିତ୍ର ବିଶ୍ୱସ୍ତରରେ ୧୬ ବିଲିୟନ୍ ଆମେରିକୀୟ ଡଲାର୍ ମୂଲ୍ୟରେ ଏକ ବିଶାଳ ଶିଳ୍ପ । ଏହା ଭିନ୍ନ ଶୈଳୀରେ ସୂଚନା, ପ୍ରେରଣା, ଆତ୍ମସମୀକ୍ଷା ଏବଂ ମନୋରଜନ କରିବାର ସମାର୍ଥକୁ ପ୍ରଦର୍ଶନ କରିଥାଏ ।

ନ୍ୟାସନାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ର ପ୍ରାମାଣିକ ଚଳଚ୍ଚିତ୍ର ‘ବିଲି ଆଣ୍ଡ ମୋଲି, ଆନ୍ ଅଟ୍ଟର ଲଭ୍ ଷ୍ଟୋରି’ ସ୍କ୍ରିନିଂ ସହ ଏହି ସଂସ୍କରଣର ଶୁଭାରମ୍ଭ କରାଯିବ । ଦିଲ୍ଲୀ, କୋଲକାତା, ଚେନ୍ନାଇ, ପୁନେ ଏବଂ ମୁମ୍ବାଇ ଠାରେ

ଏକା ସଙ୍ଗରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୧ହଜାର ୧୮ଟି ଚଳଚ୍ଚିତ୍ର ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁଛନ୍ତି । ସେଥିରୁ ୧୧୮ଟି ଚଳଚ୍ଚିତ୍ରକୁ ତିନୋଟି ବିଶେଷଜ୍ଞ କମିଟିଙ୍କ ମାଧ୍ୟମରେ ଚୟନ କରାଯାଇଛି । ଏହି ଚଳଚ୍ଚିତ୍ର ମହୋତ୍ସବ ଅବସରରେ ବିଭିନ୍ନ ଆଲୋଚନାଚକ୍ର ଏବଂ ପୁରସ୍କାରର ବ୍ୟବସ୍ଥା ହୋଇଛି ।

## କାଠମାଣ୍ଡୁ ପର୍ଯ୍ୟଟନ ମେଳା

ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଗତକାଲି ଠାରୁ ନେପାଳର କାଠମାଣ୍ଡୁ ଠାରେ ଦୁଇଦିନିଆ ଆନ୍ତର୍ଜାତିକ ପର୍ଯ୍ୟଟନ ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହାକୁ ଉଦ୍‌ଘାଟନ କରି ନେପାଳର ପର୍ଯ୍ୟଟନ ମନ୍ତ୍ରୀ ବାହାଦୂର ତମାଙ୍ଗ କହିଛନ୍ତି, ଏହି ପ୍ରଦର୍ଶନୀ ମାଧ୍ୟମରେ ନେପାଳର ପର୍ଯ୍ୟଟନ ଶିଳ୍ପକୁ ଅଧିକ ପ୍ରୋତ୍ସାହନ ମିଳିବ । ଏଥିରେ ୧୬ଟି ରାଷ୍ଟ୍ର ଅଂଶଗ୍ରହଣ କରୁଛନ୍ତି । ଭାରତ ଏବଂ ଆୟୋଜକ ନେପାଳକୁ ଛାଡ଼ି ଅନ୍ୟ ଦେଶଗୁଡ଼ିକ ମଧ୍ୟରେ କୋରିଆ, ତାଇୱାନ, ସିଙ୍ଗାପୁର, ମାଳଦ୍ୱୀପ, ଆମେରିକା, ନେଦରଲ୍ୟାଣ୍ଡ, ଶ୍ରୀଲଙ୍କା, ଚୀନ୍, ଥାଇଲାଣ୍ଡ, ଦୁବାଇ, ବାଂଲାଦେଶ, ଭିଏତ୍‌ନାମ, ମାଲେସିଆ ଏବଂ ଭୁଟାନ ଅଛନ୍ତି । ଏହି ରାଷ୍ଟ୍ରଗୁଡ଼ିକରୁ ୫୧ ଜଣ ଉଦ୍ୟୋଗୀ ପ୍ରଦର୍ଶନୀରେ ମଣ୍ଡପ ପ୍ରତିଷ୍ଠା କରିଛନ୍ତି । ଏଥିରେ ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ମଧ୍ୟରେ ସ୍ଥାୟୀ ସହଭାଗିତା ପ୍ରତିଷ୍ଠାର ମାର୍ଗ ମଧ୍ୟ ଉନ୍ମୁକ୍ତ ହୋଇଛି ବୋଲି

ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ଏହି ପ୍ରଦର୍ଶନୀ ସମୟରେ ବିଭିନ୍ନ ବିଷୟବସ୍ତୁ ଉପରେ ମଧ୍ୟ ଆଲୋଚନାଚକ୍ରମାନ ଆୟୋଜନ କରାଯାଇଛି । ଏହି ପ୍ରଦର୍ଶନୀ  ଆଜି ଶେଷ ହେଉଛି ।

## ସାଉଥ୍ ଆଫ୍ରିକା-ପ୍ରେସିଡେଣ୍ଟ

ସିରିଲ୍ ରାମଫୋସା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି । ଆଫ୍ରିକୀୟ ଜାତୀୟ କଂଗ୍ରେସ ଏବଂ ବିରୋଧୀ ଦଳ ମଧ୍ୟରେ ବୁଝାମଣା ଯୋଗୁଁ ଶ୍ରୀ ରାମଫୋସା ପୁନଃ ରାଷ୍ଟ୍ରପତି ହେବାକୁ ପଥ ପରିଷ୍କାର ହୋଇଛି । ବାମପନ୍ଥୀ ଅର୍ଥନୈତିକ ସ୍ୱାଧୀନତା ସଂଗ୍ରାମୀଙ୍କ ନେତା ଜୁଲିୟସ୍ ମାଲେମାଙ୍କ ବିରୋଧରେ ସଂସଦରେ ହୋଇଥିବା ମତଗ୍ରହଣରେ ୭୧ ବର୍ଷୀୟ ରାମଫୋସା ବିଜୟୀ ହୋଇଥିଲେ । ୪୦୦ ସଦସ୍ୟ ବିଶିଷ୍ଟ ସଦନରେ ରାମଫୋସା ୨୮୩ ଭୋଟ୍ ପାଇ ଦ୍ୱିତୀୟ ଥର ପାଇଁ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ କୌଣସି ଦଳକୁ ସଂଖ୍ୟା ଗରିଷ୍ଠତା ମିଳି ନାହିଁ । ତେଣୁ ଉଭୟ ଆଫ୍ରିକୀୟ ଜାତୀୟ କଂଗ୍ରେସ ଓ ବିରୋଧୀ ଦଳ ମିଳିତ ଭାବେ ଶାସନ କରିବେ ।

# କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗୀତାରେ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଏବଂ ନେପାଳ, ନ୍ୟୁଜିଲାଣ୍ଡ ଓ ଉଗାଣ୍ଡା ମଧ୍ୟରେ ଖେଳ ଜାରି ରହିଛି ।

ନେପାଳ ଟସ୍ ଜିତି ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା । ୧୧୬ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ନେପାଳ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୪ ଓଭରରେ କୌଣସି ଓ୍ୱିକେଟ୍ ନହରାଇ ୨୦ରନ୍ ସଂଗ୍ରହ କରିଛି ।

ସେହିଭଳି ନ୍ୟୁଜିଲାଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଉଗାଣ୍ଡା ୧୧ ଓଭର୍‌ରେ ୫ ଓ୍ୱିକେଟ୍ ହରାଇ ୨୩ ରନ୍ ସଂଗ୍ରହ କରିଥିଲା ।

ଆଜି ରାତି ୮ଟାରେ ଭାରତ' କାନାଡ଼ାକୁ ଭେଟିବ । ଆମେରିକାର ଫ୍ଲୋରିଡା ସ୍ଥିତ ଲୌଡରହିଲ୍ କ୍ରିକେଟ୍ ପଡ଼ିଆରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ସୁପର-୮ରେ ପ୍ରବେଶ କରିସାରିଥିବା ବେଳେ ଏହି ମ୍ୟାଚ୍‌କୁ ଜିତି ଗ୍ରୁପ୍‌ର ଶୀର୍ଷ ସ୍ଥାନ ବଜାୟ ରଖିବାକୁ ଚେଷ୍ଟା କରିବ ।

ଅନ୍ୟ ପକ୍ଷରେ କାନାଡ଼ା ଖେଳିଥିବା ତିନୋଟି ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ ସହ ଗ୍ରୁପ୍‌ର ଚତୁର୍ଥ ସ୍ଥାନରେ ରହିଛି । ଭାରତ ପ୍ରଥମ ମ୍ୟାଚ୍‌ରେ ଆୟରଲାଣ୍ଡକୁ ୮ ଓ୍ୱିକେଟ୍‌ରେ, ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନକୁ

୬ରନ୍‌ରେ ଏବଂ ତୃତୀୟ ମ୍ୟାଚ୍‌ରେ ଆମେରିକାକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

ଆଜି ରାତି ୧୦ଟାରେ ଇଂଲଣ୍ଡ ଏବଂ ନାମିବ୍ୟା ମଧ୍ୟରେ ମୁକାବିଲା ହେବ ।

# ଆଇଏମ୍‌ଡି-ଓ୍ୱେଦର

ପଶ୍ଚିମବଙ୍ଗ ଏବଂ ଦେଶର ଉତ୍ତର ପୂର୍ବ ଭାଗରେ ତଥା ହିମାଳୟ ପାଦଦେଶ ଅଞ୍ଚଳରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଇ.ଏମ୍.ଡି. କହିଛି, ଆଜି ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ମେଘାଳୟ ଏବଂ ଆସାମରେ ମଧ୍ୟ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପାଣିପାଗର ପରିସ୍ଥିତି ସେହିଭଳି ଜାରି ରହିବ ବୋଲି ଆଇ.ଏମ୍.ଡି. କହିଛି । ତେବେ ଉତ୍ତର ଭାରତରେ ଗ୍ରୀଷ୍ମର ପ୍ରକୋପ ଅଧିକ ରହିବ ବୋଲି ଆଇ.ଏମ୍.ଡି. କହିଛି । ଉତ୍ତରପ୍ରଦେଶ, ଦିଲ୍ଲୀ, ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଗ୍ରୀଷ୍ମର ପ୍ରକୋପ  ଗତକାଲି ବଳବତ୍ତର ରହିଥିଲା । ସେହିଭଳି ଉତ୍ତର ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଛତିଶଗଡ଼ର ବିଭିନ୍ନ ସ୍ଥାନ ତଥା ହିମାଚଳ ପ୍ରଦେଶର ଅନେକ ସ୍ଥାନରେ ମଧ୍ୟ ଗ୍ରୀଷ୍ମର ପ୍ରକୋପ ଦେଖିବାକୁ

ମିଳିଥିଲା । ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ପାଖାପାଖି ରହିବ ବୋଲି ଆଇ.ଏମ୍.ଡି. ପୂର୍ବାନୁମାନ କରିଛି ।